## ତହସିଲଦାରଙ୍କ କାର୍ଯ୍ୟାଳୟ, କୁନ୍ଦୁରା

ବିଜ୍ଞପ୍ତି ସଂଖ୍ୟା ୯୮୩ ତା 06/07/22

# ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

## [ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ- 2016 ଏବଂ ସଂଶୋଧିତ ଆଇନ 2022 ଅନୁଯାୟୀ ]

ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ-2004 ଓ ଓଡ଼ିଶା ଲଘୁ ଖଣଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ 2016 ଅନୁଯାୟୀ ଏତ୍ ଦ୍ୱାରା ସର୍ବସାଧରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କୁନ୍ଦୁରା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଉତ୍ସ ଗୁଡ଼ିକ ଆସନ୍ତା 5ବର୍ଷ ନିମନ୍ତେ (2022-23 ଠାରୁ 2026-27) ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ଦୀର୍ଘ ମିଆଦୀ ଲିଜ୍ ସୁତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ବାନ କରାଯାଉଅଛି ।

## ସୈରାତ ଉତ୍ସର ବିବରଣୀ

| କ୍ର.ନଂ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ହେ) | କିସମ | ଧାର୍ଯ୍ୟ ରୟାଲଟିର ମୂଲ୍ୟ (ପ୍ରତି ଘନ. ମି) | ଅତିରିକ୍ତ ଦେୟ (ପ୍ରତି ଘନ. ମି) | ମୋଟ ଦେୟ (ପ୍ରତି ଘନ. ମି) Col. No. 8+9 | ଏମ.ଜି.କ୍ୟୁ( M.G.Q) ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରିମ ଅମାନତ ରାଶିର ପରିମାଣ ଯାହାକି ବ୍ୟାଙ୍କ ଡ୍ରାପ୍ଟ ମାଧ୍ୟମରେ (ଟଙ୍କାରେ) | ବ୍ୟାଙ୍କ ଗେରେଣ୍ଟି ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | ଲିମା ବାଲି ଖାଦାନ | ଲିମା | 541 | 688,691,682, 681,679,677, 2073, & 2401 | 5.000 | ନଦୀ | 35/- | 170/- | 205/- | 3000 | 30750/- | 615000/- |
| 2 | ହେରୁଗୁଡ଼ା ବାଲି ଖାଦାନ | ହେରୁଗୁଡ଼ା | 150 | 212,211,214, 70 & 69 | 5.000 | ନଦୀ | 35/- | 170/- | 205/- | 3000 | 30750/- | 615000/- |
| 3 | ସିଉନିଗୁଡ଼ା ପଥର ଖାଦାନ | ସିଉନିଗୁଡ଼ା | 161 | 1 | 0.800 | ପତିତ | 130/- | 267/- | 397/- | 2800 | 55580/- | 1111600/- |
| 4 | ଆଟିଗାଁ-ଏ ପଥର ଖାଦାନ | ଆଟିଗାଁ | 165 | 399 | 2.000 | ପତିତ | 130/- | 267/ | 397/- | 3410 | 67690/- | 1353770/- |

ଲିଜ୍ ରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନାପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନିୟ ।

ଲିଜ୍ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓ OMMC-Rule-2016 ଏବଂ ଏହାର Amendment Rule 2022 ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ ।

1. OMMC-Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ବାରା ଦସ୍ତଖତ କରାଯାଇଥିବା 3 କିତା ଫର୍ମ M (3 Copies) ଦାଖଲ କରିବେ ।

2. ଦରଖାସ୍ତ ଫିସ ବାବଦକୁ ଟ. ୧୦୦୦ ( ଏକ ହଜାର ) ଟଙ୍କାରେ ଟ୍ରେଜେରୀ ଚାଲାଣ (Head of Accounts-0853-Non-Ferrous Mining and Metallurgical Industries -102- Mineral Concession Fess, Rents and Royalties ) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

3. ଆବେଦନ କରୁଥିବା ଲଘୁ ଖଣିଜ ଉତ୍ସର ସଂପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ , ଖାତା ନଂ , ପ୍ଲଟ ନଂ, ରକବା ଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ ଏବଂ ଉକ୍ତ ସୈରାତ ଉତ୍ସର ନକସା (Trace Map) ରେ ରାଜସ୍ବ ନୀରିକ୍ଷକଙ୍କ ଦସ୍ତଖତ ସହ ଦାଖଲ କରିବେ । ଜେରକ୍ସ ନକସା ଗ୍ରହଣୀୟ ନୁହେଁ ।

4. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

5. ଦରଖାସ୍ତ କାରୀ ଅଠର (18 ) ମାସର ଅବଧି ଥାଇ ଏକ Bank Guarantee ଦାଖଲ କରିବେ । ଯାହାର ସର୍ବନିମ୍ନ ମୂଲ୍ୟ ସୈରାତ ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) x (Royalty + Offered Additional Charges by participants) ହେବା ଆବଶ୍ୟକ । ସୈରାତ ଉତ୍ସର ବିବରଣୀ କ୍ରମାନୁସାରେ ସୈରାତ ଉତ୍ସ ଗୁଡିକୁ ନିଲାମକୁ ନିଆଯିବ । ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ ଆଇ.ଟି (Income Tax) କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ମୂଲ୍ୟକୁ ଗ୍ରହଣ କରାଯିବ ।

6. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଜମା କରିବେ ଯାହାର ପରିମାଣ (Minimum Guaranteed Quantity) x (Royalty + Additional Charges specified in the Notice) ର ଶତକଡ଼ା 5% ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର, କୁନ୍ଦୁରା (Tahasildar, Kundra) ଙ୍କ ନାମରେ କରିବା ବାଞ୍ଛନୀୟ, ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

7. ପ୍ରାଧିକୃତ ରାଜସ୍ଵ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଆସ୍ଥାବର ସମ୍ପତି ତାଲିକା ସଂଲଗ୍ନ କରିବେ ।

8. ଦରଖାସ୍ତକାରୀ 2021-22 ବର୍ଷର ଆୟକର (Income Tax Return Filing) ବିବରଣୀର ନକଲ ଦାଖଲ କରିବେ ।

9. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ବ-ଘୋଷିତ ଲିଖିତ ନାମା (Self-Declaration) ଦାଖଲ କରିବେ ।

10. ବାଲି ଓ ପଥର ପାଇଁ ସର୍ବନିମ୍ନ Royalty ଘନମିଟର ପ୍ରତି (Per Cubic Meter) ଯଥାକ୍ରମେ 35/- ଓ 130/- ଅଟେ ।

11. ଦରଖାସ୍ତକାରୀ ସୈରାତ ଉତ୍ସର Mining Plan, E.C. Preparation & Sairat Adverting Cost ର ସମସ୍ତ ଖର୍ଚ୍ଚ ବହନ କରିବେ ।

12. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ – ଦିଆ ଲଫାପାରେ ରେଜେଷ୍ଟ୍ରି ଡାକ ଯୋଗେ/ (Speed Post) ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ତା 11.07.2022 ରିଖରୁ 28.07.2022 ଅପରାହ୍ନ 5 ଘଟିକା ସୁଦ୍ଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ତା **28.07.222** ର ଅପରାହ୍ନ 5 ଘଟିକା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ପରବର୍ତ୍ତୀ କାର୍ଯ୍ୟ ଦିବସ ଅର୍ଥାତ 29.07.2022 ପୂର୍ବାହ୍ନ 11.00 ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା 30.07.2022 ରୁ 03.08.2022 ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ତା 03.08.2022 ଅପରାହ୍ନ 5.00 ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତ ତା ପରଦିନ ଅର୍ଥାତ 04.08.2022 ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ । ସେହିପରି ଯଦି ଦ୍ୱିତୀୟ ଥର ମଧ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସିନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟ ଥର ତଥା ଶେଷ ଥର ପାଇଁ ତା 05.08.2022 ରୁ 10.08.2022 ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ତା 10.08.2022.ରିଖ ଅପରାହ୍ନ 5.00 ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ପରବର୍ତ୍ତୀ ଦିନ ଅର୍ଥାତ 12.08.2022 ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ , ଏହି ଦରଖାସ୍ତଟିକୁ ଖୋଲାନଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନଯାଇଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲାଯିବ ।

**ଠିକଣା :**

**ତହସିଲଦାରଙ୍କ କାର୍ଯ୍ୟାଳୟ, କୁନ୍ଦୁରା**

**ଗ୍ରାମ / ପୋଷ୍ଟ – କୁନ୍ଦୁରା , ଜିଲ୍ଲା – କୋରାପୁଟ (ଓଡ଼ିଶା)**

**ପିନ – ୭୬୪୦୦୨**

ଆଶିଷ କି ମହୁଲି (signature)

**ତହସିଲଦାର, କୁନ୍ଦୁରା** .../07/22

# ସର୍ତ୍ତାବଳୀ

1. ଆବେଦନକାରୀମାନେ OMMC Rule-2016 ଏବଂ ଏହାର Amendment Rule ର ପରିସର ଭୁକ୍ତ ରହିବେ ।
2. ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉତ୍ସଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଏବଂ ଗଚ୍ଛିତ ସୈରାତର ପରିମାଣ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ । ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ଏଥିପାଇଁ କର୍ତ୍ତପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. ଦରଖାସ୍ତକାରୀ ସୈରାତ ଉତ୍ସର Mining Plan, E.C. Preparation & Sairat Adverting Cost ର ସମସ୍ତ ଖର୍ଚ୍ଚ ବହନ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate & Consent Establish) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।
4. ସରକାରୀ ଭାବେ ଘନ ମିଟର ପ୍ରତି ବିଜ୍ଞାପନରେ ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଏବଂ Royalty ର ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ କରିନଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।
5. ଯଦି ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ Royalty ଏବଂ Additional Charge ମୂଲ୍ୟ ଦର୍ଶାଇଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।
6. ଯଦି କୌଣସି ସୈରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ , ସେହି ଦରଖାସ୍ତଟିକୁ ଖୋଲାନଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କର ନ ଯାଇଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲାଯିବ ।
7. ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଫର୍ମ F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି ଫର୍ମ F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମ ନେବା ନେଇ ସୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ (Minimum Guaranteed Quantity) x (Royalty + Offered Additional Charges District Mineral Foundation) ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥିସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବାପରେ ସ୍ଥିର କରାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରିନ୍ତି ତେବେ ଦ୍ବିତୀୟ ସର୍ବାଧୀକ ନିଲାମଧୀରିଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମଧାରୀଙ୍କ Earnest Money କୁ ବାଜ୍ୟାପ୍ତ କରାଯିବ । ନିଲାମଧାରୀଙ୍କ ସୀକୃତି ପରେ ନିଲାମ ପ୍ରକିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ ।

8. ନିଲାମଧାରୀ ସମସ୍ତ ଦେୟ ଜମା କରିବା ପରେ Form- N ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜିଷ୍ଟ୍ରି (Registration Act-1908 & Stamp Act-1890 & 1899 ) ଅନୁଯାୟୀ ସମ୍ପାଦନ କରିବେ ।

9. OMMC Rule -2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମା ରାଶି ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

10. ଲିଜ ଧାରୀ ସୈରାତ ଉସ୍ତ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟ OMMC Rule -2016 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ।

11. ଲିଜ ଧାରୀ ସୈରାତ ଉସ୍ତର ନକସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହାର ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରି ସେଥିରେ ସୈରାତ ଉସ୍ତର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ୍ ଧାରୀ ବହନ କରିବେ ।

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନପାଇବା ପର୍ଯ୍ୟନ୍ତ ସୈରାତ ଉସ୍ତକୁ କାର୍ଯ୍ୟକ୍ଷମ କରିପାରିବେ ନାହିଁ ।

13. ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ କୁନ୍ଦୁରା ତହସିଲ କାର୍ଯାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ WWW.Koraput.nic.in ରେ ଦେଖିପାରିବେ ।

14. ନିଲାମ ଦରଖାସ୍ତକାରୀମାନେ ଓଡ଼ିଶା ଲଘୁ ଖଣିଜ ନିୟମ 2016 (OMMC Rule -2016) ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

15. ଲିଜ୍ ଧାରୀ ଏକ ସ୍ବତନ୍ତ୍ର ରେଜିଷ୍ଟାରରେ ପ୍ରତ୍ୟେକଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

16. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

17. ଲିଜ୍ ଅବଧି ମଧରେ ଲିଜ ଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଘ୍ନନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତ କରାଯିବ ।

18. ଲିଜ୍ ଧାରୀ Mines Act -1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

(signature) 05/07/22
ତହସିଲଦାର, କୁନ୍ଦୁରା

ପତ୍ର ସଂଖ୍ୟା.......୧୮୪୪......./ସୈରାତ ତା 06.07.22

ଏହାର ଏକକିତା ନକଲ ଜିଲ୍ଲାପାଳ, କୋରାପୁଟ/ ଉପ-ଜିଲ୍ଲାପାଳ ,ଜୟପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(signature)
ତହସିଲଦାର, କୁନ୍ଦୁରା
05/07/22

ପତ୍ର ସଂଖ୍ୟା...୧୮୯୪.../ସୈରାତ ତା 06.07.22

ଏହାର ଏକକିତା ନକଲ D.I.O. N.I.C., Koraput ଙ୍କ ଅବଗତି ତଥା କୋରାପୁଟ ଜିଲ୍ଲା ୱେବସାଇଟରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୁନ୍ଦୁରା

ପତ୍ର ସଂଖ୍ୟା...୧୮୯୨.../ସୈରାତ ତା 06.07.22

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , କୁନ୍ଦୁରାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୁନ୍ଦୁରା

ପତ୍ର ସଂଖ୍ୟା...୧୮୯୩.../ସୈରାତ ତା 06.07.22

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ , କୁନ୍ଦୁରା ପୋଲିସ ଷ୍ଟେସନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୁନ୍ଦୁରା

ପତ୍ର ସଂଖ୍ୟା...୧୮୯୮.../ସୈରାତ ତା 06.07.22

ଏହାର ଏକକିତା ନକଲ ଲିମା, କୁନ୍ଦୁରା ଓ ଗିର୍ଲିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟର ନୋଟିସ ବୋର୍ଡ, ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ, ରାଜସ୍ବ ନିରୀକ୍ଷକ- ଲିମା, କୁନ୍ଦୁରା ଓ ଗିର୍ଲିଗୁଡ଼ା ଙ୍କ ନୋଟିସ ବୋର୍ଡ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୁନ୍ଦୁରା